# ତୁଳସୀ ମାଳା ଧାରଣର ବିଧି

ଯେ ତୁଳସୀକାଷ୍ଠ ମାଳା ବିଷ୍ଣୁଙ୍କୁ ଅର୍ପଣ କରି ନିଜେ ଧାରଣ କରେ, ସେ ନିଃସନ୍ଦେହରେ ଶ୍ରେଷ୍ଠ ଭଗବତ୍ ଭକ୍ତ ଅଟେ । ଯେ ମୂର୍ଖ ତୁଳସୀ କାଷ୍ଠ ମାଳା ଶ୍ରୀହରିଙ୍କୁ ଅର୍ପଣ ନ କରି ଧାରଣ କରେ ସେ ନର୍କଗାମୀ ହୁଏ ॥

୪/୩୦୯-୩୧୦ । ।(ହ.ଭ.ବି)

ହେ ମାଳେ ! ତୁଳସୀ କାଷ୍ଠଦ୍ୱାରା ତୁମ୍ଭେ ନିର୍ମିତା, କୃଷ୍ଣଭକ୍ତଗଣ ତୁମ୍ଭପ୍ରତି ପ୍ରୀତି ପ୍ରଦର୍ଶନ କରିଥାନ୍ତି, ମୁଁ ତୁମ୍ଭଙ୍କୁ କଣ୍ଠରେ ଧାରଣ କରୁଅଛି, ମୋତେ ଶ୍ରୀହରିଙ୍କର ପ୍ରିୟପାତ୍ର କରାନ୍ତୁ । *॥୪/୩୧୨॥ହ.ଭ.ବି. ।*

ହେ କୃଷ୍ଣବଲ୍ଲଭେ ! ତୁମ୍ଭେ ଯେପରି କୃଷ୍ଣଙ୍କ ପ୍ରିୟ, କୃଷ୍ଣଙ୍କ ପ୍ରିୟ ଭକ୍ତଗଣ ମଧ୍ୟ ତୁମ୍ଭକୁ ସେହିପରି ପ୍ରୀତି କରିଥାନ୍ତି, ମୋତେ ସେହିପରି କୃଷ୍ଣ ଭକ୍ତମାନଙ୍କର ପ୍ରିୟପାତ୍ର କରାନ୍ତୁ । 'ମା' ଶବ୍ଦର ଅର୍ଥ ମୋତେ, 'ଲା' ଧାତୁର ଅର୍ଥ ଦାନ କର, ହେ ହରିପ୍ରିୟେ ! ତୁମେ ମୋତେ ସମସ୍ତ ଭକ୍ତଙ୍କ ସେବା ଦାନ କର, ଏହି ହେତୁ ତୁମକୁ ମାଳା ବୋଲି ଉଲ୍ଲେଖ କରାଯାଏ । *॥ ୪/୩୧୩-୩୧୪॥ହ.ଭ.ବି. ॥*

ଯେଉଁ ବୈଷ୍ଣବ ଯଥାବିଧି ଏହିପରି ପ୍ରାର୍ଥନା କରି ପ୍ରଥମେ କୃଷ୍ଣଙ୍କ ଗଳାରେ ମାଳା ପ୍ରଦାନ କରି ତାହାପରେ ନିଜେ ଧାରଣ କରେ ସେ ବିଷ୍ଣୁଲୋକକୁ ଗମନ କରେ । *୩୧୫ ।*

ଗରୁଡ଼ ପୁରାଣରେ – ଯେଉଁ ପାପୀ ମାଳା ଧାରଣ ନ କରେ, ସେ ହରିଙ୍କ କୋପାନଳରେ ଦଗ୍ଧୀଭୂତ ହୋଇ ନରକରୁ ପ୍ରତ୍ୟାବର୍ତ୍ତନ ହୁଏ ନାହିଁ । *୩୧୭/ହ.ଭ.ବି. ।*

ଅଗସ୍ତ୍ୟ ସଂହିତାରେ – ଶ୍ରୀହରିଙ୍କୁ ନିବେଦିତ ତୁଳସୀମାଳା ପ୍ରସାଦ ସ୍ୱରୂପ ଗଳାରେ ଧାରଣ କରି ଯେ ଶ୍ରୀହରିଙ୍କୁ ପୂଜା କରେ କିମ୍ବା କୌଣସି ଶୁଭକାର୍ଯ୍ୟରେ ଅନୁଷ୍ଠାନ କରେ ସେ ସମସ୍ତ ଅକ୍ଷୟ ଫଳପ୍ରାପ୍ତ ହୁଏ । *୪/୩୧୯/ ହ.ଭ.ବି. ।*

***ତୁଳସୀକାଷ୍ଠ ମାଳାଞ୍ଚ କଣ୍ଠସ୍ଥାଂ ବହତେ ତୁ ଯଃ ।***
***ଅପ୍ୟଶୌଚୋଽପ୍ୟନାଚାରୋ ମାମେବୈତି ନ ସଂଶୟଃ*** ॥ ୪/୩୨୨/ହ.ଭ.ବି.।

***ବିଷ୍ଣୁ ଧର୍ମୋତ୍ତରରେ ଶ୍ରୀ ଭଗବାନଙ୍କ ଉକ୍ତି*** – ଯେ ସଦାଚାର ଗ୍ରହଣ କରି ତୁଳସୀ ମାଳା କଣ୍ଠରେ ଧାରଣ କରନ୍ତି, ସେ ଯଦି କେତେବେଳେ କୌଣସି କାରଣବଶତ ଅଶୁଚି ବା ଅନାଚାରି ହୋଇଥାଆନ୍ତି, ସେ ମୋତେ ହିଁ ପ୍ରାପ୍ତ ହେବେ, ଏଥିରେ କୌଣସି ସଂଶୟ ନାହିଁ ।

ଗରୁଡ଼ ପୁରାଣରେ – ଶ୍ରୀକୃଷ୍ଣଙ୍କୁ ଅର୍ପିତ ତୁଳସୀ କାଷ୍ଠମାଳା ଯେ ପ୍ରତିଦିନ ଧାରଣ କରେ, ଦୈତ୍ୟନିସୂଦନ ହରି ତାହାକୁ ଦ୍ୱାରାବତୀରେ ବାସ ଦେଇଥାନ୍ତି । ଯେ ତୁଳସୀ କାଷ୍ଠମାଳା ହରିଙ୍କୁ ପ୍ରଦାନ କରି ତାହା ଭକ୍ତି ସହକାରେ ଧାରଣ କରେ ତାହାର କୌଣସି ପାତକ ରହେ ନାହିଁ । ଶ୍ରୀହରି ସର୍ବଦା ସନ୍ତୁଷ୍ଟ ରହନ୍ତି । ତୁଳସୀ କାଷ୍ଠର ମାଳା ଧାରଣକାରୀଙ୍କୁ ପ୍ରାୟଶ୍ଚିତ୍ତ କରିବା ଉଚିତ ନୁହେଁ । ତାହାର ଦେହରେ ଅଶୌଚ ରହେ ନାହିଁ । ଶ୍ରୀହରି ତାଙ୍କର ଶରୀରରେ ଅବସ୍ଥାନ କରିଥାନ୍ତି । କଳିଯୁଗରେ ତୁଳସୀମାଳାରେ ଭୂଷିତ ହୋଇ ଦେବପିତୃକର୍ମାଦି କଲେ କୋଟିଗୁଣ ଫଳ ଲାଭ ହୋଇଥାଏ । । ୪/୩୩୧-୩୩୬/ହ.ଭ.ବି. ।

**ତୁଳସୀ କାଷ୍ଠମାଲାନ୍ତୁ ପ୍ରେତରାଜସ୍ୟ ଦୂତକାଃ**
**ଦୃଷ୍ଟ୍ୱା ନଶ୍ୟନ୍ତି ଦୂରେଣ ବାତୋଦ୍ଧୃତଂ ଯଥା ଦଲମ୍** ।।୪/୩୩୭.ହ.ଭ.ବି.।
**ତୁଳସୀ କାଷ୍ଠମାଲାଭିର୍ଭୂଷିତୋ ଭ୍ରମତେ ଯଦି ।**
**ଦୁଃସ୍ୱପ୍ନଂ ଦୁର୍ନିମିତ୍ତଞ୍ଚ ନ ଭୟଂ ଶସ୍ତ୍ରଜଂ କ୍ୱଚିତ୍** ।।୪/୩୩୮.ହ.ଭ.ବି.।

ଯମଦୂତମାନେ କଣ୍ଠରେ ତୁଳସୀ ମାଳା ଦେଖି ଦୂର ହୋଇ ବାୟୁବିଚଳିତ ପତ୍ରର ନ୍ୟାୟ ପଳାୟନ କରନ୍ତି । ଯଦି ତୁଳସୀ ମାଳା ଧାରଣ କରି କେହି ଭ୍ରମଣ କରନ୍ତି, ତାହା ହେଲେ ତାଙ୍କର କେବେହେଲେ ଦୁଃସ୍ୱପ୍ନ ଦୁର୍ଘଟଣା ଓ ଶସ୍ତ୍ର ପାଇଁ ଭୟ ରହେ ନାହିଁ ।